# NATIONAL NEWS BULLETIN (ODIA)

**9 November - 2024**

**Morning Bulletin : 7.15 a.m.**

*******************************

## <u>ମୁଖ୍ୟ ସମ୍ବାଦ</u>

- ମହାରାଷ୍ଟ୍ରରେ ଆଜି ୨ଟି ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିବେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଆସାମ ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାର ଜୋରଦାର
- ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ପଦରୁ ଆସନ୍ତାକାଲି ଅବସର ଗ୍ରହଣ କରିବେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼
- ରାସ୍ତା ନିର୍ମାଣ ସମୟରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱ ଦେଲେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ୪ଟିକିଆ ଟି-୨୦ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୬୧ ରନ୍‌ରେ ବିଜୟୀ

## ମହା-କ୍ୟାମ୍ପେନିଂ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ଆକୋଲା ଏବଂ ନାନ୍ଦେଡ ଠାରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବେ । ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ନିର୍ବାଚନ ପ୍ରଚାର ଜୋରସୋରରେ ଚାଲିଛି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି । ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ପାଇଁ ଏକକ ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ମତ ନିଆଯିବ ।

ଝାଡ଼ଖଣ୍ଡରେ ମୋଟ୍ ୮୧ଟି ବିଧାନସଭା ଆସନ ପାଇଁ ୨ଟି ପର୍ଯ୍ୟାୟରେ ମତଦାନ ହେବ । ସେଠାରେ ଆସନ୍ତା ୧୩ ଏବଂ ୨୦ ତାରିଖରେ ମତ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ମତଦାନ ପାଖେଇ ଆସୁଥିବା ବେଳେ ସେଠାରେ ନିର୍ବାଚନ ପ୍ରଚାର ଅଧିକ ତ୍ୱରାନ୍ୱିତ ହୋଇଛି । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଜାମସେଦପୁରର ଛତରପୁର, ହଜାରୀବାଗ ଏବଂ ପୋଟ୍କା ବିଧାନସଭା ମଣ୍ଡଳୀ ପାଇଁ ପ୍ରଚାର କରିବେ । ଜାମସେଦପୁରର ପଶ୍ଚିମ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକ ରୋଡ୍ ଶୋ'ରେ ମଧ୍ୟ ସେ ଅଂଶ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଧାନବାଦ ଜିଲ୍ଲାର ବାଘମରା ବିଧାନସଭା ମଣ୍ଡଳୀରେ ଏବଂ ପୂର୍ବ ସିଂହଭୂମରେ ନିର୍ବାଚନୀ

ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଜେଏମଏମ୍‌ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ  ରାଞ୍ଚି, ଖରସାଓ୍ୱା ଏବଂ ମନ୍ଦର ବିଧାନସଭା ମଣ୍ଡଳୀରେ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ।

ସେହିଭଳି ଅନ୍ୟ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମଧ୍ୟ ନିର୍ବାଚନ ର୍‍ୟାଲିର ଆୟୋଜନ କରାଯାଇଛି । ଆସନ୍ତା ୨୩ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ଆସାମ-ବାଇ ଇଲେକ୍ସନ

ଆସାମରେ ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର ଧରିଛି । ୫ଟି ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରେ ମତ ଗ୍ରହଣ କରାଯିବ । ୩୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କ ସମେତ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ସାଂସଦ ଏବଂ ବିଧାୟକ ଏହି  ପ୍ରଚାରରେ ସାମିଲ ହୋଇଛନ୍ତି । ରାଜ୍ୟ କଂଗ୍ରେସ ସଭାପତି ଭୂପେନ କୁମାର ବୋରା ଏବଂ ସାଂସଦ ଗୌରବ ଗୋଗୋଇ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି । ଧୋଲାଇ ଆସନରୁ ୮ ଜଣ, ସମଗୁଡ଼ିରୁ ୧୧ ଜଣ, ବେହାଲୀରୁ ୪ ଜଣ, ବଙ୍ଗାଇରା ଆସନରୁ ୮ ଜଣ, ସିଡିଲି ଆସନରୁ ୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ୧୦ଲକ୍ଷରୁ ଅଧିକ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । କଂଗ୍ରେ ଏବଂ ଏନ୍‌ଡିଏ ୫ଟି ଯାକ ଆସନରେ ପ୍ରାର୍ଥୀ ଦେଇଛନ୍ତି । ଏନ୍‌ଡିଏ

ମେଣ୍ଟରୁ ବିଜେପି ୩ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଆସାମ ଗଣପରିଷଦ ଏବଂ ୟୁପିପିଏଲ୍ ଗୋଟିଏ ଲେଖାଏଁ ଆସନରେ ନିର୍ବାଚନ ଲଢୁଛନ୍ତି ।

## ସିଜେଆଇ-ଫେୟାରୱେଲ୍

ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଆସନ୍ତାକାଲି ଆନୁଷ୍ଠାନିକ ଭାବେ ସୁପ୍ରିମକୋର୍ଟରୁ ଅବସର ଗ୍ରହଣ କରିବେ । ଜଷ୍ଟିସ୍ ସଂଜୀବ ଖାନ୍ନା ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ଅନେକ ଐତିହାସିକ ରାୟ ପ୍ରଦାନ କରିଥିବା ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କର ଗତକାଲି କୋର୍ଟରେ ଶେଷ କାର୍ଯ୍ୟଦିବସ ଥିଲା । ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଦାନ କରିଥିବା ରାୟ ଗୁଡ଼ିକ ମଧ୍ୟରେ ଅଯୋଧ୍ୟା ଜମି ବିବାଦ, ସହମତି କ୍ରମେ ସମଲିଙ୍ଗୀ ଯୌନ ସଂପର୍କକୁ ଅପରାଧମୁକ୍ତ କରିବା ଏବଂ ଅବିବାହିତ ମହିଳାଙ୍କ ପାଇଁ ଗର୍ଭପାତ ଅଧିକାର ଆଦି ଅନ୍ତର୍ଭୁକ୍ତ । ୨୦୧୬ରେ ସୁପ୍ରିମକୋର୍ଟକୁ ବିଚାରପତି ଭାବେ ପଦୋନ୍ନତି ପାଇବା ପରେ ୨୦୨୨ ନଭେମ୍ବର ୧୧ ତାରିଖରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ୧ ହଜାର ୨୭୫ଟି ଖଣ୍ଡପୀଠରେ ମାମଲାଗୁଡ଼ିକର ଶୁଣାଣି କରିଛନ୍ତି । ବିଦାୟୀ ଭାଷଣରେ ଗତକାଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପରବର୍ତ୍ତୀ ପ୍ରଧାନ ବିଚାରପତି ଜଷ୍ଟିସ୍ ଖାନ୍ନାଙ୍କୁ ଜଣେ ସ୍ଥିର ଏବଂ ଦକ୍ଷ ବ୍ୟକ୍ତିତ୍ୱ ଭାବେ ପ୍ରଶଂସା କରିଛନ୍ତି ।

## କର୍ଣ୍ଣାଟକ-ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ମହୀଶୂରରେ ନିର୍ମିତ ହେଉଥିବା ଦେଶର ପ୍ରଥମ ଅତ୍ୟାଧୁନିକ ପ୍ଲାନେଟୋରିୟମ୍ ଆସନ୍ତାବର୍ଷ ସେପ୍ଟେମ୍ବର ପହିଲାରେ ସର୍ବସାଧାରଣଙ୍କ ପାଇଁ ଖୋଲିବ । କର୍ଣ୍ଣାଟକର ମହୀଶୂରରେ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିବା ପରେ ଅର୍ଥମନ୍ତ୍ରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଅତ୍ୟାଧୁନିକ ପ୍ଲାନେଟୋରିୟମ୍‌ରେ ଥିବା ହାଇ ରିଜୋଲ୍ୟୁସନ୍ ଗମ୍ବୁଜ ଆକାଶକୁ ସିଧା ପ୍ରସାରଣ କରିବାରେ ସକ୍ଷମ ହେବ ଏବଂ ଏହା ଦ୍ୱାରା ରିୟଲ୍ ଟାଇମ୍ ପର୍ଯ୍ୟବେକ୍ଷଣ ସମ୍ଭବ ହୋଇପାରିବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ପ୍ଲାନେଟୋରିୟମ୍ ବିଜ୍ଞାନ ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ ଆୟୋଜନ କରିବା ସହିତ ଛାତ୍ରଛାତ୍ରୀଙ୍କ ଲାଗି ଶିକ୍ଷାଦାନ ମଡ୍ୟୁଲ ସୃଷ୍ଟି କରିବ । ପୂର୍ବରୁ ମନ୍ତ୍ରୀ ସୀତାରମଣ ମହୀଶୂର ସଂଗୀତ ସୁଗନ୍ଧ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଦେଶର ପ୍ରତ୍ୟେକ ରାଜ୍ୟର ନିଜସ୍ୱ ସଂସ୍କୃତି, ଭାଷା ଓ ସଂଗୀତର ପରମ୍ପରା ରହିଛି ବୋଲି ସେ ଏହି ଅବସରରେ କହିଛନ୍ତି ।

## ଗଡ଼କରୀ-ସଡ଼କ କଂଗ୍ରେସ

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକିବା ପାଇଁ ରାସ୍ତା ନିର୍ମାଣ ସମୟରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉପରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁତ୍ୱାରୋପ କରିଛନ୍ତି ।

ଛତିଶଗଡ଼ର ରାଇପୁରଠାରେ ଗତ ସନ୍ଧ୍ୟାରେ ଭାରତୀୟ ସଡ଼କ କଂଗ୍ରେସର ୮୩ତମ ବାର୍ଷିକ ଅଧିବେଶନ ଉଦ୍‌ଘାଟନ କରି ଶ୍ରୀ ଗଡ଼କରୀ ଏହା କହିଛନ୍ତି । ସେ କହିଛନ୍ତି ବିସ୍ତୃତ ପ୍ରକଳ୍ପ ରିପୋର୍ଟକୁ ସତର୍କତାର ସହ ଯାଞ୍ଚ କରି ଟେଣ୍ଡର ଜାରି କରାଯିବା ଉଚିତ । ରୋଡ ଇଞ୍ଜିନିୟରିଂରେ ଉନ୍ନତି ଉପରେ ସେ ଗୁରୁତ୍ୱ ପ୍ରଦାନ କରିବା ସହ ଏହା ଦ୍ୱାରା ଜୀବନ ରକ୍ଷା ସମ୍ଭବ ହୋଇପାରିବ ବୋଲି କହିଛନ୍ତି । ସଡ଼କ ଓ ପରିବହନ କ୍ଷେତ୍ରର ଅଧିକାରୀ , ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କୁ ସଡ଼କ କ୍ଷେତ୍ରର ବିକାଶ ପାଇଁ ଏକ ସମନ୍ୱିତ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବା ଉପରେ ସେ ପରାମର୍ଶ ଦେଇଛନ୍ତି ।

ଫସଲରୁ ବିଟୁମିନ୍ ଏବଂ ସିଏନଜି ଉତ୍ପାଦନ ସଂକ୍ରାନ୍ତରେ ଶ୍ରୀ ଗଡ଼କରୀ କହିଛନ୍ତି ଏଭଳି ପଦକ୍ଷେପ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ପ୍ରଦୂଷଣକୁ ରୋକାଯାଇ ପାରିବ ।

ଭିତ୍ତିଭୂମି ବିକାଶ ଦ୍ୱାରା ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ବୃଦ୍ଧି ସହ ଦାରିଦ୍ର୍ୟ ହ୍ରାସ ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଦେଶ ଅଗ୍ରସର ହୋଇପାରିବ ବୋଲି ସେ କହିଛନ୍ତି । ୪ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଅଧିବେଶନରେ ୨ ହଜାରରୁ ଅଧିକ ବିଶେଷଜ୍ଞ, ବୈଜ୍ଞାନିକ, ବୈଷୟିକ କ୍ଷେତ୍ରର ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରୁଛନ୍ତି । ସଡ଼କ ନିର୍ମାଣ ଏବଂ ସୁରକ୍ଷା ସଂପର୍କିତ

ବିଭିନ୍ନ ପ୍ରସଙ୍ଗରେ ଏଥିରେ ମତ ବିନିମୟ ହେଉଛି । ଆସନ୍ତା ସୋମବାର ଦିନ ଅଧିବେଶନ ଉଦ୍‌ଯାପିତ ହେବ ।

## ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ଗତକାଲି ୩ ଜଣ ମାଓବାଦୀ ନିହତ ହୋଇଛନ୍ତି । ବିଜାପୁର ଜିଲ୍ଲାର ଉସୁର-ବାସଗୁଡ଼ା-ପାମେଡ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ଆଧାରରେ ସିଆରପିଏଫ୍‌ର କୋବ୍ରା ବାଟାଲିୟନ୍ ଏବଂ ଜିଲ୍ଲା ରିଜର୍ଭ ଗାର୍ଡର ମିଳିତ ଟିମ୍ ତଲାସି ଅଭିଯାନ କରିଥିଲେ । ଏହି ସମୟରେ ରେକାବାୟା ଜଙ୍ଗଲରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ନିହତ ମାଓବାଦୀଙ୍କ ମୃତଦେହକୁ ସୁରକ୍ଷାବାହିନୀ ଉଦ୍ଧାର କରିଛି । ଘଟଣାସ୍ଥଳରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି ।

## ଟ୍ରମ୍ପ ଆସାସିନେସନ୍

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡୋନାଲ୍‌ଡ ଟ୍ରମ୍ପଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଇରାନର ୩ ଜଣ ନାଗରିକଙ୍କ ବିରୁଦ୍ଧରେ ଅଭିଯୋଗ ଅଣାଯାଇଛି । ନ୍ୟାୟ ବିଭାଗ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତ ତଥ୍ୟ ପ୍ରଦାନ କରାଯାଇଛି । ଶ୍ରୀ ଟ୍ରମ୍ପଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଫରହାଦ୍ ସକେରି ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଆମେରିକା ସରକାର କହିଛନ୍ତି ସକେରିଙ୍କୁ ଗିରଫ

କରାଯାଇ ନାହିଁ ଏବଂ ସେ ଇରାନରେ ଥିବା ଅନୁମାନ କରାଯାଉଛି । ଇରାନ ସରକାରଙ୍କ ଦ୍ୱାରା ଶ୍ରୀ ଟ୍ରମ୍ପଙ୍କୁ ଆକ୍ରମଣ ନେଇ ଏହା ଏକ ଷଡ଼ଯନ୍ତ୍ର ବୋଲି ଜଣାଯାଇଛି ।  ଏହି ଘଟଣାରେ ଅନ୍ୟ ୨ ଆମେରିକୀୟ ନାଗରିକଙ୍କୁ ଗତ ଗୁରୁବାର ନିଉୟର୍କର ବ୍ରୁକଲିନ୍ ଏବଂ ଷ୍ଟେଟନ୍ ରୁ ଗିରଫ କରାଯାଇଛି ।

## ବ୍ୟାଡ୍‌ମିଣ୍ଟନ

କୋରିଆ ମାଷ୍ଟର୍ସ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର କିରନ୍ ଜର୍ଜ ଓ ଥାଇଲାଣ୍ଡର କୁନ୍‌ଲା-ଭୁଟ୍ ଭିତିଦ୍-ସାର୍ଣ୍ଣଙ୍କ ମଧ୍ୟରେ ଆଜି ସେମିଫାଇନାଲ୍ ଖେଳାଯିବ । ଦକ୍ଷିଣ କୋରିଆର ଇକ୍‌ସାନ୍ ଠାରେ  ଚାଲିଥିବା  ଏହି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ କିରନ ଜାପାନ୍‌ର ତାକୁମା ଓବାୟାଶିଙ୍କୁ ସିଧାସଳଖ ୨୧-୧୪ ଓ ୨୧-୧୬ ସେଟ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

## ଟି-୨୦

ଭାରତ-ଦକ୍ଷିଣ ଆଫ୍ରିକା ୪ଟିକିଆ ଟି-୨୦ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୬୧ ରନ୍‌ରେ ପରାସ୍ତ କରିଛି । ଦକ୍ଷିଣ ଆଫ୍ରିକାର ଡର୍ବାନ୍‌ସ୍ଥିତ କିଙ୍ଗ୍‌ସମିଡ୍ ଷ୍ଟାଡିୟମ୍‌ରେ ଗତରାତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଭାରତ ନିର୍ଦ୍ଧାରିତ ୨୦

ଓଭର୍‌ରେ ସଂଜୁ ସାମ୍‌ସଙ୍ଗ ଙ୍କ ଶତକ ବଳରେ ୨୦୨ ରନ୍ ସଂଗ୍ରହ କରିଥିଲା । ସଂଜୁ ସାମସଙ୍ଗ ୫୦ଟି ବଲ୍‌ରୁ ୧୦୭ ରନ୍ ସଂଗ୍ରହ କରିଥିଲେ । ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୧୭ ଓଭର୍ ୫ଟି ବଲ୍‌ରେ ୧୪୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ ୩ଟି ଲେଖାଏଁ ଏବଂ ଆଭେସ୍ ଖାଁ ୨ଟି ୱିକେଟ ଅକ୍ତିଆର କରିଥିଲେ । ସଂଜୁ ସାମସଙ୍ଗଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଦ୍ୱିତୀୟ ଟି-୨୦ ଆସନ୍ତାକାଲି ସେଣ୍ଟ ଜର୍ଜପାର୍କ ଷ୍ଟାଡିୟମରେ ଖେଳାଯିବ ।

# ଆର୍ମି ଚିଫ୍

ସ୍ଥଳ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଜି ପଞ୍ଚକୁଲାରେ ଥିବା ପଶ୍ଚିମାଞ୍ଚଳ କମାଣ୍ଡର ମୁଖ୍ୟାଳୟ ପରିଦର୍ଶନ କରିବା ସହିତ କମାଣ୍ଡ ର ବିଭିନ୍ନ କାର୍ଯ୍ୟ ଶୈଳୀର ସମୀକ୍ଷା କରିଛନ୍ତି । ଏହି ଅବସରରେ ବରିଷ୍ଠ ସେନା ଅଧିକାରୀମାନେ କମାଣ୍ଡ ପକ୍ଷରୁ ସେଠାରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜେନେରାଲ୍ ଦ୍ୱିବେଦୀଙ୍କୁ ଅବଗତ କରାଇଛନ୍ତି ।